ବିଦ୍ୟାଳୟ ପାଇଁ ନେତୃତ୍ୱ ପ୍ରଦାନ: ଶିକ୍ଷକମାନଙ୍କୁ ମାର୍ଗଦର୍ଶନ

| ଓଡ଼ିଆ |
|---|
| ସେଠାରେ କିଛି ଅସୁବିଧା ଥିଲା କାରଣ କେହି କଠିନ ପରିଶ୍ରମ କରିବାକୁ ଚାହୁଁନଥିଲେ, କିନ୍ତୁ ମୁଁ ସମସ୍ତଙ୍କ ଶକ୍ତିର ସ୍ତରକୁ ବହୁତ ବଢ଼ାଇ ରଖିଛି। ମୁଁ କେବେ ବି ସ୍କୁଲରେ ଥିବା ସମୟରେ ବସି ରହେ ନାହିଁ।<br><br>ଯଦି କୌଣସି ଶ୍ରେଣୀରୁ ଶବ୍ଦ ଶୁଭେ ନାହିଁ, ତେବେ ଏଠାରେ 'ଅସୁବିଧା କଣ' ଅଛି ବୋଲି ମୁଁ ପଚାରିଥାଏ। ମୁଁ ଶିକ୍ଷକମାନଙ୍କ ସମସ୍ୟା ଜାଣିବାକୁ ଚେଷ୍ଟା କରିଥାଏ। ବ୍ୟକ୍ତିଗତ ଭାବରେ ସେମାନଙ୍କ ସମସ୍ୟା ସମାଧାନ କରିବାକୁ ଚାହିଁଥାଏ। ସେମାନେ ମତେ କହନ୍ତି ଓ ଆମେ ଏ ବିଷୟରେ ଆଲୋଚନା କରି ଏକାଠି ଏକ ସମାଧାନ ଖୋଜି ବାହାର କରିଥାଉ।<br><br>ମୁଖ୍ୟ କଥା ହେଉଛି ଯେତେବେଳେ ଜଣେ ଶିକ୍ଷକ ତାଙ୍କ କ୍ଲାସକୁ ଯାଆନ୍ତି ନାହିଁ, ତେବେ ଅନ୍ୟ ଶିକ୍ଷକମାନେ ବି ସେହି କଥା କରିବେ ଏବଂ ରୁଟିନରେ ଏହା ବିଶୃଙ୍ଖଳା ସୃଷ୍ଟି କରିଥାଏ। ମୁଁ ଏହି ଅନୁଷ୍ଠାନରେ ଶୃଙ୍ଖଳା ଚାହେଁ।<br><br>ଯଦି ସମସ୍ତେ ସମୟ ସୂଚୀ ଅନୁଯାୟୀ କାମ କରିବେ ତେବେ, କୌଣସି ସମସ୍ୟା ହେବ ନାହିଁ ଏବଂ ଶିକ୍ଷକ ଠିକ୍ ସମୟରେ ସେମାନଙ୍କ ଶ୍ରେଣୀରେ ଉପସ୍ଥିତ ରହିବେ।<br><br>ମୁଁ ସ୍କୁଲ ବୁଲିବା ସମୟରେ ସେମାନଙ୍କୁ ଶିକ୍ଷାଦାନ ଉପରେ ମନୋନିବେଶ କରିବାକୁ କହିଥାଏ। ମୁଁ ସେମାନଙ୍କୁ ସ୍କୁଲ ସଂପର୍କିତ ଅନ୍ୟ କାର୍ଯ୍ୟ ନ କରିବା ପାଇଁ ପ୍ରବର୍ତ୍ତାଇଥାଏ। ଶିକ୍ଷକମାନେ ଶ୍ରେଣୀରେ ପଢ଼ାଇବା ଦରକାର।<br><br>ଯଦି ଜଣେ ଶିକ୍ଷକ ଅନ୍ୟ କାମରେ ବ୍ୟସ୍ତ ରହିବେ, ପିଲାମାନେ ବିରକ୍ତ ହେବେ ଏବଂ ସ୍କୁଲ ଆସିବା ବନ୍ଦ କରିଦେବେ।<br><br>ମୁଁ ଶିକ୍ଷକମାନଙ୍କୁ କହେ, ଯେ ସେମାନେ ଶ୍ରେଣୀଗୃହକୁ ଗଲା ବେଳେ ହସି ହସି ଯିବେ। ମୁଁ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଂପର୍କରେ ଉନ୍ନତି ଆଣିବାକୁ ଚେଷ୍ଟା କରିଥାଏ।<br><br>ଶିକ୍ଷକମାନେ ମଧ୍ୟ ପରସ୍ପର ପ୍ରତି ବେଶ୍ ବନ୍ଧୁତ୍ୱପୂର୍ଣ୍ଣ ଆଚରଣ ପ୍ରଦର୍ଶନ କରିଥାନ୍ତି। ଆମେ ସେମାନଙ୍କର ମନୋରଂଜନ କରୁ ଏବଂ ଗୁରୁଦିବସ, ଶିଶୁ ଦିବସ, ଓ ଅନ୍ୟାନ୍ୟ ସ୍ୱତନ୍ତ୍ର ଉତ୍ସବ ସବୁ ଏକାଠି ପାଳନ କରିଥାଉ।<br><br>ଶିକ୍ଷକ ଓ ପିଲାମାନେ ଗୀତ ଗାଇବା ଓ ଅନ୍ୟାନ୍ୟ କାର୍ଯ୍ୟକଳାପରେ ଭାଗ ନେଇଥାନ୍ତି, ତଥା ଏହାକୁ ଉପଭୋଗ କରିଥାନ୍ତି। ପିଲାମାନେ ଏହାକୁ ପସନ୍ଦ କରିଥାନ୍ତି ଏବଂ ବିରକ୍ତିବୋଧ କରିନଥାନ୍ତି। ସେମାନଙ୍କୁ ବାଧ କରି କୌଣସି କାର୍ଯ୍ୟ କରାଯାଉଛି ବୋଲି ସେମାନେ ଅନୁଭବ କରିନଥାନ୍ତି।<br><br>ଆମେ ଯେତେବେଳେ ଏକାଠି ବସୁ, ମୁଁ ଯେ ଅଧକ୍ଷ ସେମାନଙ୍କ ମଧ୍ୟରେ ଏପରି ଅନୁଭବ ଆସିବାକୁ ଦେଇନଥାଏ। ମୁଁ ସେମାନଙ୍କ ମାର୍ଗଦର୍ଶନ କରିଥାଏ। ମୁଁ ସେମାନଙ୍କୁ କିପରି ଶୀଘ୍ର, କିନ୍ତୁ ସଠିକ୍ ଭାବରେ କାମ କରାଯାଇପାରିବ ପରାମର୍ଶ ଦେଇଥାଏ। ମୁଁ ମଧ୍ୟ ସେମାନଙ୍କ ପରାମର୍ଶକୁ ସ୍ୱାଗତ କରିଥାଏ।<br><br>ବେଳେ ବେଳେ ମୁଁ ଶିକ୍ଷକମାନଙ୍କଠାରୁ ମଧ୍ୟ ଭଲ ପରାମର୍ଶ ପାଇଥାଏ। ଆମେ ଏକାଠି କାମ କରୁ ଏବଂ ଆମ କର୍ମଚାରୀଙ୍କ ମଧ୍ୟରେ ଚାପ ସୃଷ୍ଟି ହେବାକୁ ଦେଇନଥାଉ।<br><br>ମୋର ପ୍ରଥମ କାର୍ଯ୍ୟ ହୋଇଥାଏ ସବୁ ଶିକ୍ଷକ ଯେପରି ସେମାନଙ୍କ ଶ୍ରେଣୀଗୃହରେ ସମୟସୂଚୀ ଅନୁଯାୟୀ ପହଞ୍ଚନ୍ତି, ତାହା ସୁନିଶ୍ଚିତ କରିବା।<br><br>ଏଠାରେ ପୂର୍ବରୁ ସ୍ଥିର ହୋଇଥିବା ମାସିକ ପାଠ୍ୟସୂଚୀ ରହିଥାଏ। ସେମାନେ ମାସିକ ପାଠ୍ୟସୂଚୀ ସଂପୂର୍ଣ୍ଣ କରିବା ଓ ମାସିକ ପରୀକ୍ଷାମାନ କରାଇବା ଉଚିତ୍।<br><br>ସେହି ପରୀକ୍ଷାଗୁଡ଼ିକରେ ଏ ଗ୍ରେଡ୍ ରଖିଥିବା ଝିଅମାନଙ୍କ ସଂଖ୍ୟା ବଢ଼ିବା ଉଚିତ୍। ଆମର ଲକ୍ଷ୍ୟ ହେଉଛି 'ଏ' ଗ୍ରେଡ୍ ହାସଲ କରୁଥିବା ଝିଅମାନଙ୍କ ସଂଖ୍ୟା ବୃଦ୍ଧି କରିବା ଏବଂ ଡି ବା ଇ ଗ୍ରେଡ୍ ପାଉଥିବା ଝିଅମାନଙ୍କୁ ଅଧିକ ସମୟ ପାଠ ପଢ଼ାଇବା। ଆମେ ତାହାକୁ |

ସଂଶୋଧନାତ୍ମକ କ୍ଲାସ କହିଥାଉ।

ଏହି ଶ୍ରେଣୀରେ ଆମେ ଛାତ୍ରଛାତ୍ରୀମାନଙ୍କ ଗ୍ରେଡରେ ଉନ୍ନତି ଆଣିବା ପାଇଁ ସାହାଯ୍ୟ କରିଥାଉ। ମୁଁ ଉଚ୍ଚ ଶ୍ରେଣୀ ଯେପରିକି ବିଏସସି ବହିର ଚିତ୍ର ଓ ଚାର୍ଟ ବ୍ୟବହାର କରିଥାଏ। ମୁଁ ନିଜେ ମଧ୍ୟ ଏହି ଚାର୍ଟ ତିଆରି କରାଇଥାଏ।

ମୁଁ ମୋ ଶ୍ରେଣୀରେ ସୁନ୍ଦର ପରିବେଶ ସୃଷ୍ଟି କରିବାକୁ ଚେଷ୍ଟା କରିଛି। ପିଲାମାନେ ସୁସଜ୍ଜିତ ଶ୍ରେଣୀ ଗୃହରେ ବସିବାକୁ ଭଲ ପାଇଥାନ୍ତି। ପୂର୍ବରୁ ଏପରି ନ ଥିଲା, ତେଣୁ ମୁଁ ପିଲାମାନଙ୍କୁ ସେମାନଙ୍କ ଶ୍ରେଣୀଗୃହ ସଜାଇବାକୁ କହିଲି।

ସେମାନେ ବିଷୟବସ୍ତୁ ସଂପର୍କିତ ଚାର୍ଟମାନ ତିଆରି କଲେ। ଏହି ଚାର୍ଟ ଓ ପୋଷ୍ଟର ବ୍ୟବହାର କରି ସେମାନେ ବିଭିନ୍ନ ବିଷୟ ବର୍ଣ୍ଣନା କଲେ।

ସେମାନେ ଚାର୍ଟଗୁଡିକୁ ବାରମ୍ବାର ଦେଖିବେ ଓ ଏହା ସେମାନଙ୍କ ମନରେ ଆଙ୍କି ହୋଇ ରହିଯିବ, ଖାଲି ସେତିକି ନୁହେଁ ଶ୍ରେଣୀଗୃହ ମଧ୍ୟ ସୁନ୍ଦର ଦିଶିବ।

ଛାତ୍ରଛାତ୍ରୀମାନେ ଅନୁଭବ କଲେ, ଯେ ସେମାନେ ଏଥିରେ ଉନ୍ନତି ଆଣିପାରିବେ ଏବଂ ତାହା ପରେ ସେମାନେ ଆହୁରି ଭଲ ଚିତ୍ର ତିଆରି କଲେ ଏବଂ ସେଗୁଡ଼ିକ ତାଙ୍କ ଶ୍ରେଣୀଗୃହରେ ଲଗାଇଲେ। ଅଧ୍ୟକ୍ଷ ଏବଂ ଶିକ୍ଷକଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ସଂପର୍କ ରହିବା ଉଚିତ୍। ସ୍କୁଲଟି ସର୍ବାଗ୍ରେ ଶୃଙ୍ଖଳିତ ହେବା ଉଚିତ୍। କେତେବେଳେ କଣ କରାଯିବ, ସେ ବିଷୟ କାଗଜକଲମରେ ଲେଖା ନ ହୋଇପାରେ ବରଂ ଏକ ସଂପୂର୍ଣ୍ଣ ବିକଶିତ ଯୋଜନା ଭାବେ ସାଧାରଣ ଚିନ୍ତାଧାରାରେ ପରିଣତ ହେବା ଦରକାର।

ଉଦାହରଣ ସ୍ୱରୂପ, ଯଦି ଅଧ୍ୟକ୍ଷମାନେ ବୃତ୍ତି କିମ୍ବା ୟୁନିଫର୍ମ କିମ୍ବା ସାଇକେଲ ବଣ୍ଟନ ଦାୟିତ୍ୱରେ ଥାଆନ୍ତି, ତେବେ ସେ ଦିଆଯାଇଥିବା ଯୋଜନା ଅନୁଯାୟୀ ଏହା କରିବା ଉଚିତ୍।

ସ୍କୁଲ ଏପରି କୌଣସି କାର୍ଯ୍ୟ ହାତକୁ ନେବା ଉଚିତ୍ ନୁହେଁ, ଯାହା ଫଳରେ ସମସ୍ତ ଶିକ୍ଷକ ସେଥିରେ ଜଡ଼ିତ ହେବେ, ଏବଂ ପିଲାମାନଙ୍କ ପ୍ରତି ଧ୍ୟାନ ଦେବାକୁ କେହେ ନ ଥିବେ। ସେମିତି କଲେ ବିଦ୍ୟାଳୟର ଉପସ୍ଥାନ ପ୍ରଭାବିତ ହେବ।